# NATIONAL NEWS BULLETIN (ODIA)

## 10 August - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଓ୍ୱାୟନାଡ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳର ଶିଶୁଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଏକ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାକୁ କେରଳ ସରକାରଙ୍କୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଇଥାନଲ ଉତ୍ପାଦନ ପାଇଁ ଏକ ବହୁମୁଖୀ ଏବଂ ଭବିଷ୍ୟତ ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ସମବାୟ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ପରାମର୍ଶ ।
- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ମାଳଦ୍ୱୀପ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ ।
- ନିଜ ପଦରୁ ଇସ୍ତଫା ଦେବାକୁ ଘୋଷଣା କଲେ ବାଂଲାଦେଶ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ।

ଏବଂ

- ହର୍ ଘର୍ ତିରଙ୍ଗା ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଲେ କେନ୍ଦ୍ର ଗ୍ରାମ୍ୟ ବିକାଶ ଓ ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ।

# କେରଳ-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ୱାୟନାଡ଼ ଭୂସ୍ଖଳନ ପ୍ରଭାବିତ ଲୋକଙ୍କ ସହ କେନ୍ଦ୍ର ସରକାର ଏବଂ ସମଗ୍ର ଦେଶ ଠିଆ ହୋଇଛି । ୱାୟନାଡ଼ ଗସ୍ତ ପରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ସେ କହିଛନ୍ତି, ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ । ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ପରିସ୍ଥିତି ଆଣିବାକୁ ରହିଥିବା ଆବଶ୍ୟକତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାକୁ ସକାରାତ୍ମକ ଭାବରେ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ପ୍ରଭାବିତ ଅଞ୍ଚଳର ଶିଶୁଙ୍କର ଭବିଷ୍ୟତ ନିର୍ମାଣ ପାଇଁ ଏକ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆଜି କେରଳର ୱାୟନାଡ ଜିଲ୍ଲାର ମେପ୍ପାଡିସ୍ଥିତ ସେଣ୍ଟ ଜୋସେଫ ସ୍କୁଲରେ ଥିବା ରିଲିଫ୍ କ୍ୟାମ୍ପ ପରିଦର୍ଶନ କରିବା ସହ ସେଠାରେ ଭୂସ୍ଖଳନ ସ୍ଥଳରୁ ଉଦ୍ଧାର ହୋଇଥିବା ଲୋକଙ୍କ ସହ ଆଲୋଚନା କରିଛନ୍ତି । ଭୂସ୍ଖଳନରୁ ବର୍ତ୍ତିଯାଇଥିଲେ ମଧ୍ୟ ବାପା ମା'ଙ୍କୁ ହରାଇଥିବା ଦୁଇ ଜଣ ଛାତ୍ରଙ୍କ ସହ ଶ୍ରୀ ମୋଦୀ କଥା ହୋଇଛନ୍ତି । ନିକଟ ସମ୍ପର୍କୀୟଙ୍କୁ ହରାଇଥିବା ଅନ୍ୟ ୧୦ ଜଣଙ୍କ ସହ ମଧ୍ୟ ଆଲୋଚନା କରିବା ସହ ସାନ୍ତ୍ୱନା ଦେଇଛନ୍ତି । ସେ ମେପ୍ପାଡିର ଡବ୍ଲ୍ୟୁ.ଆଇ.ଏମ.ଏସ ହସ୍ପିଟାଲ ପରିଦର୍ଶନ କରିବା ସହ ସେଠାରେ ଚିକିତ୍ସିତ ହେଉଥିବା ଆହତ

ବ୍ୟକ୍ତିଙ୍କ ସହ ଆଲୋଚନା କରିଛନ୍ତି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଭୂସ୍ଖଳନରେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଚୁରାଲମାଲା ଓ ମୁଣ୍ଡାକ୍କାଇ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଶ୍ରୀ ମୋଦୀ’ ସେନା, ସ୍ପେଶାଲ ଅପରେସନ୍ ଗ୍ରୁପ୍ ଏବଂ ଏନ୍.ଡି.ଆର୍.ଏଫ୍ ଯବାନଙ୍କ ସହ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି। ଶ୍ରୀ ମୋଦୀ ଆଜି ସକାଳେ ପଞ୍ଚିରିଭାଟମ୍, ମୁଣ୍ଡାକ୍କାଇ ଓ ଅଟ୍ଟାମାଲାର ଭୂସ୍ଖଳନ ପ୍ରଭାବିତ ଅଞ୍ଚଳକୁ ଆକାଶମାର୍ଗରୁ ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତରେ କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍, ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ପର୍ଯ୍ୟଟନ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପିଏମ୍- କର୍ପସ ରିଲିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ୧୦୯ଟି ଅଧିକ ଅମଳକ୍ଷମ, ଜଳବାୟୁ ସହନଶୀଳ ଏବଂ ଉଚ୍ଚ ପୋଷକ ତତ୍ତ୍ୱଯୁକ୍ତ ଫସଲ ପ୍ରଜାତିର ଉନ୍ମୋଚନ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକ ଏବଂ ବୈଜ୍ଞାନିକମାନଙ୍କ ସହ ମଧ୍ୟ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି, ୧୦୯ ପ୍ରକାର ଫସଲ ମଧ୍ୟରେ ୩୪ଟି କ୍ଷେତ ଫସଲ ଓ ୨୭ଟି ଉଦ୍ୟାନ କୃଷି ଫସଲ ରହିଛି। କ୍ଷେତ ଫସଲ ମଧ୍ୟରେ ବାଜରା, ତୈଳବୀଜ, ଡାଲିଜାତୀୟ ଫସଲ, ଆଖୁ, କପା, ଫାଇବର ସମେତ ବିଭିନ୍ନ ଶସ୍ୟର ବିହନ ରହିଛି। ଉଦ୍ୟାନ କୃଷି

ଫସଲରେ ବିଭିନ୍ନ ପ୍ରକାରର ଫଳ, ପନିପରିବା, ବୃକ୍ଷରୋପଣ ଫସଲ, କନ୍ଦମୂଳ, ମସଲା, ଫୁଲ ଏବଂ ଔଷଧୀୟ ବୃକ୍ଷ ରହିଛି ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଶାହା-ଇଥାନଲ

ଇଥାନଲ ଉତ୍ପାଦନ ପାଇଁ ଏକ ବହୁମୁଖୀ ଏବଂ ଭବିଷ୍ୟତ ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ସମବାୟ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପରାମର୍ଶ ଦେଇଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ  ଚିନି ଶିଳ୍ପ ସମୂହର ଜାତୀୟ ସମବାୟ ସଂଗଠନର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ଇଥାନଲ ଉତ୍ପାଦନ ଏକ ଲାଭଜନକ ଏବଂ କାର୍ଯ୍ୟକ୍ଷମ ବ୍ୟବସାୟ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଦେଶରେ ୧ ହଜାର କୋଟି ଲିଟରର ଇଥାନଲ ଆବଶ୍ୟକ ପଡ଼ିବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ସରକାର ଜୈବ ଇନ୍ଧନରେ ଇଥାନଲ ମିଶ୍ରଣ ପରିମାଣ ସୀମାକୁ ବୃଦ୍ଧି କରିବାକୁ କାର୍ଯ୍ୟ କରୁଛନ୍ତି। ଆସନ୍ତା ୨୦୩୦ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଏହା ପୂର୍ବରୁ ଏହି ଲକ୍ଷ୍ୟ ହାସଲ ସମ୍ଭବ ବୋଲି ସେ କହିଛନ୍ତି। ଭବିଷ୍ୟତରେ ଇଥାନଲ ମିଶ୍ରଣକୁ ୨୬ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ରପ୍ତାନୀ ସୁଯୋଗକୁ ଦୃଷ୍ଟିରେ ରଖି ଦେଶରେ ଇଥାନଲ ଉତ୍ପାଦନକୁ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

## ବିଜେପି-କଂଗ୍ରେସ

ବିଜେପି ଜାତୀୟ ମୁଖପାତ୍ର ଗୌରବ ଭାଟିଆ ଗତ ୧୫ ମାସ ମଧ୍ୟରେ କର୍ଣ୍ଣାଟକରେ ୧ ହଜାର ୨୦୦ କୃଷକଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନୀରବତାକୁ ସମାଲୋଚନା କରିଛନ୍ତି। ନୂଆଦିଲ୍ଲୀରେ ଆଜି  ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଭାଟିଆ କୃଷକଙ୍କ ମୃତ୍ୟୁକୁ ନେଇ ରାହୁଲ ଗାନ୍ଧିଙ୍କ ବିଚାର ଜାଣିବାକୁ ଚାହିଁଛନ୍ତି। କେନ୍ଦ୍ର ସରକାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩ ଦଶମିକ ୨/୫ ଲକ୍ଷ କୋଟି ଟଙ୍କା ଜମା କରିଛନ୍ତି। ଶ୍ରୀ ଭାଟିଆ ଅଭିଯୋଗ କରିଛନ୍ତି, କର୍ଣ୍ଣାଟକର କଂଗ୍ରେସ ସରକାର ସେମାନଙ୍କ ଇସ୍ତାହାରରେ ଦିଆଯାଇଥିବା ୫୯ଟି ପ୍ରତିଶ୍ରୁତି ମଧ୍ୟରୁ କେବଳ ଦୁଇଟି ପୂରଣ କରିଛନ୍ତି। ୫୦ ହଜାର କୋଟି ଟଙ୍କାର ଋଣ ଛାଡ଼ କରିବା ପ୍ରତିଶ୍ରୁତି ଦେଇ ପୂର୍ବତନ ୟୁପିଏ ସରକାର ଦୁର୍ନୀତି କରିଥିବା ସେ ଅଭିଯୋଗ କରିଛନ୍ତି।

## ଜୟଶଙ୍କର-ମାଳଦ୍ୱୀପ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ମାଳଦ୍ୱୀପ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ। ଏହା ଦୁଇଦେଶର ନାଗରିକ ଏବଂ ଆନ୍ତରିକ ସ୍ଥିରତା ବଜାୟ ରଖିବାରେ ସହାୟକ ହେବ। ମାଳଦ୍ୱୀପକୁ ତିନିଦିନିଆ ଗସ୍ତରେ ଯାଇଥିବା ଡକ୍ଟର

ଜୟଶଙ୍କର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କୁ ସାକ୍ଷାତ ଆଲୋଚନା କରିବା ପରେ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କ ମାଲଦ୍ୱୀପ ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ହାସନ ମଉମୁନ୍‌ଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ ନେଇ ଆଲୋଚନା ହୋଇଛି। ସାମୁଦ୍ରିକ ନିରାପତ୍ତା ପାଇଁ ଦୁଇ ଦେଶ ମଧ୍ୟରେ ମଧ୍ୟ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି। ଡକ୍ଟର ଜୟଶଙ୍କର ମାଲଦ୍ୱୀପର ଆର୍ଥିକ ବିକାଶ ଏବଂ ବାଣିଜ୍ୟ ବୃଦ୍ଧି, ଅର୍ଥମନ୍ତ୍ରୀ ଏବଂ ମାଲଦ୍ୱୀପ ଆର୍ଥିକ ସଂସ୍ଥାର ଗଭର୍ଣ୍ଣରଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି। ଆଭାସୀ ମାଧ୍ୟମରେ ମାଲଦ୍ୱୀପରେ କାର୍ଯ୍ୟକାରୀ ହେଉଥିବା ୨୮ଟି ଜଳ ପରିମଳ ପ୍ରକଳ୍ପର ସେ ଉଦ୍‌ଘାଟନ କରିଛନ୍ତି।

## ବାଂଲାଦେଶ ଚିଫ୍ ଜଷ୍ଟିସ୍ ରିଜାଇନ୍

ବାଂଲାଦେଶ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଓବାଇଦୁଲ ହାସନ୍ ନିଜ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିବେ ବୋଲି ଆଜି ଅପରାହ୍ନରେ ସୁପ୍ରିମ୍‌କୋର୍ଟ ପରିସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ସୁପ୍ରିମକୋର୍ଟ ପରିସରରେ ଆଜି ଛାତ୍ରଛାତ୍ରୀ, ଓକିଲ ଓ ସାଧାରଣ ଜନତା ଏକତ୍ରିତ ହୋଇ ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିଙ୍କୁ ଅପରାହ୍ନ ଗୋଟାଏ ସୁଦ୍ଧା ଇସ୍ତଫା ଦେବାକୁ କହିଥିଲେ।

ଇସ୍ତଫା ନଦେଲେ ଛାତ୍ରମାନେ ସେମାନଙ୍କ ବାସଭବନ ଘେରାଉ କରିବେ ବୋଲି ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଆୱାମୀ ଲିଗ୍‌ର ଯୁଗ୍ମ ସାଧାରଣ ସମ୍ପାଦକ ମହବୁବୁଲ ଆଲାମ ହନିଫ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଫେସର ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀ ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଇତିମଧ୍ୟରେ ଢାକା ମେଟ୍ରୋପଲିଟାନ ପୋଲିସ (ଡିଏମପି) ଅଧୀନରେ ଥିବା ୫୦ଟି ଥାନା ମଧ୍ୟରୁ ୨୯ଟିରେ ଗତକାଲିଠାରୁ ସେବା ଆରମ୍ଭ ହୋଇଛି। ଅବଶିଷ୍ଟ ୨୧ଟି ଥାନାରେ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ନବନିଯୁକ୍ତ ଆଇଜି ମହମ୍ମଦ ମୈନୁଲ ଇସଲାମ ୨୪ ଘଣ୍ଟା ମଧ୍ୟରେ ପ୍ରତ୍ୟେକ ପୁଲିସ କର୍ମଚାରୀଙ୍କୁ ନିଜ ନିଜ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇସ୍ରାଏଲ-ହମାସ

ଆକାଶମାର୍ଗରୁ ଗୋଟିଏ ବିଦ୍ୟାଳୟ ଏବଂ ଏକ ମସଜିଦ୍ ଉପରେ ଇସ୍ରାଏଲର ବୋମା ମାଡ଼ରେ ସେଠାରେ ଆଶ୍ରୟ ନେଇଥିବା ୯୩ ଜଣ ବାସଚ୍ୟୁତ ପାଲେଷ୍ଟାଇନ୍ ବାସିନ୍ଦାଙ୍କ ମୃତ୍ୟୁ ଘଟିଛି। ଗାଜା ସିଭିଲ୍ ଡିଫେନ୍ସ ଏଜେନ୍ସି ସୂଚନା ଅନୁଯାୟୀ, ଲୋକମାନେ ସକାଳେ ପ୍ରାର୍ଥନା କରୁଥିଲାବେଳେ ଏହି ଆକ୍ରମଣ ହୋଇଥିଲା। ଏହି ଆକ୍ରମଣକୁ ଇସ୍ରାଏଲ ସ୍ୱୀକାର କରି କହିଛି, ସେଠାରେ ହମାସ୍ ଗୋଷ୍ଠୀ କାର୍ଯ୍ୟ କରୁଥିଲେ। ସେଠାରୁ ୯୦ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ଗାଜା ସିଭିଲ୍ ଡିଫେନ୍ସ ମୁଖପାତ୍ର ମହମ୍ମଦ ବାସାଲ କହିଛନ୍ତି। ଇସ୍ରାଏଲ ପକ୍ଷରୁ ହମାସ

ସନ୍ତ୍ରାସବାଦୀମାନଙ୍କୁ ଲକ୍ଷ୍ୟ କରି ଆକାଶମାର୍ଗରୁ ବୋମାମାଡ଼ କରାଯାଇଥିବା କୁହାଯାଇଛି ।

## ହର୍ ଘର୍ ତିରଙ୍ଗା

କେନ୍ଦ୍ର ଗ୍ରାମ୍ୟ ବିକାଶ ଓ ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ପ୍ରେମାସାନି ଚନ୍ଦ୍ରଶେଖର ହର୍ ଘର୍ ତିରଙ୍ଗ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି । ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାପାଳଙ୍କ ପରିସରରେ ଜାତୀୟ ପତାକା ଉତ୍ତୋଳନ କରି ତୃତୀୟ ପର୍ଯ୍ୟାୟ ହର୍ ଘର୍ ତିରଙ୍ଗା ଅଭିଯାନକୁ ଉଦ୍‌ଘାଟନ କରିଛନ୍ତି । ଏହି ଅଭିଯାନରେ ସମସ୍ତଙ୍କୁ ନିଜ ନିଜର ଘର ଉପରେ ଜାତୀୟ ପତାକା ଉଡ଼ାଇବାକୁ ଆହ୍ୱାନ କରିଛନ୍ତି ।

## ଆକ୍ଟର ବିଜୟ କଦମ ପାସେସ୍ ଏୱେ

ବରିଷ୍ଠ ଅଭିନେତା ବିଜୟ କଦମଙ୍କର ଆଜି ତାଙ୍କ ମୁମ୍ବାଇସ୍ଥିତ ବାସଭବନରେ ପରଲୋକ ହୋଇଛି । ୬୭ ବର୍ଷ ବୟସ୍କ ଏହି ଅଭିନେତା କିଛି ବର୍ଷ ହେଲା କର୍କଟ ରୋଗରେ ପିଡ଼ିତ ଥିଲେ । ସ୍ୱର୍ଗତଃ କଦମ ଅନେକ ମରାଠି ନାଟକ, ଟିଭି ଧାରାବାହିକ ଓ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ସ୍ୱର୍ଗତଃ କଦମ ଓ ତାଙ୍କ ପତ୍ନୀ ପଦ୍ମଶ୍ରୀ' ବିଜୟଶ୍ରୀ ନାଟ୍ୟ ସଂସ୍ଥା ମାଧ୍ୟମରେ ଦେଶ ଓ ବିଦେଶରେ ନାଟକ ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହୋଇଥିଲେ ।

# ମୁମ୍ବାଇ-ଚେୟାରମ୍ୟାନ୍ ପ୍ରସାର ଭାରତୀ

ପ୍ରସାର ଭାରତୀ ବୋର୍ଡର ଅଧ୍ୟକ୍ଷ ନବନୀତ କୁମାର ସେହଗଲ ଆଜି ମୁମ୍ବାଇ ଆକାଶବାଣୀ କାର୍ଯ୍ୟାଳୟ ଗସ୍ତ କରିଥିଲେ। ମୁମ୍ବାଇକୁ ଦୁଇ ଦିନିଆ ଗସ୍ତରେ ଯାଇଥିବା ଶ୍ରୀ ସେହଗଲ ଆକାଶବାଣୀ ଏବଂ ଦୂରଦର୍ଶନ ଅଧିକାରୀଙ୍କ ସହ ଏକ ବୈଠକରେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୋତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପରିବର୍ତ୍ତିତ ସାମାଜିକ ସ୍ଥିତି ଅନୁଯାୟୀ, ପ୍ରସାରିତ ହେଉଥିବା କାର୍ଯ୍ୟକ୍ରମ ଗୁଡ଼ିକର ପୁନଃ ସମୀକ୍ଷା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଦକ୍ଷତା ବିକାଶ, ଉଦ୍ୟୋଗ ଏବଂ ଷ୍ଟାର୍ଟ-ଅପ୍ ସମ୍ପର୍କିତ କାର୍ଯ୍ୟକ୍ରମ ଅଧିକରୁ ଅଧିକ ପ୍ରସାର କରିବାକୁ ସେ ଏହି ବୈଠକରେ କହିଛନ୍ତି।

# ଅଲିମ୍ପିକ୍ସ

ଏଥର କିଛି ଖବର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କରେ।

ଭାରତୀୟ ମହିଳା କୁସ୍ତି ଯୋଦ୍ଧା ରିତିକା ହୁଡ଼ା ୭୬ କିଲୋଗ୍ରାମରେ ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ କିର୍ଗିଜିସ୍ତାନ ପ୍ରତିଯୋଗୀ ମେଡେଟ୍ କାଇଜି ଆଇପେରୀଙ୍କଠାରୁ ପରାସ୍ତ ହୋଇଛନ୍ତି।

ଗଲ୍ଫ ପ୍ରତିଯୋଗିତାରେ ଅଦିତି ଅଶୋକ ଏବଂ ଦୀକ୍ଷା ଡାଗର ୩୩ ଏବଂ ୫୧ ତମ ସ୍ଥାନରେ ରହି ତାଙ୍କର ଅଲିମ୍ପିକ୍ସ ଅଭିଯାନ ଶେଷ କରିଛନ୍ତି।

ଭାରତ ଏ ପର୍ଯ୍ୟନ୍ତ ଚଳିତ ଅଲିମ୍ପିକ୍ସରେ ୬ଟି ପଦକ ହାସଲ କରିଛି। ସେଥିମଧ୍ୟରୁ ଗୋଟିଏ ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ରହିଛି।